## ସଂକ୍ଷେପରେ

### ଖୁବ୍‌ଶୀଘ୍ର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ: ଜିଲା ଶିକ୍ଷା ଅଧିକାରୀ

ତଦନ୍ତ ଆଳରେ ଅଟକିଛି ଶିକ୍ଷୟିତ୍ରୀମାନଙ୍କୁ ଦୁର୍ବ୍ୟବହାର ଘଟଣା

ପଟ୍ଟାଙ୍ଗି,୨୩।୬(ଶରତ ଧଳ)

ଗୋଟିଏ ବିଦ୍ୟାଳୟରେ କାର୍ଯ୍ୟରତ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ମଧ୍ୟରୁ ଜଣେ ଶିକ୍ଷକ ବିଦ୍ୟାଳୟର ଅନ୍ୟ ଶିକ୍ଷୟିତ୍ରୀମାନଙ୍କୁ ଦୁର୍ବ୍ୟବହାର କରିଥିଲେ। ପରବର୍ତ୍ତୀ ସମୟରେ ସମ୍ପୃକ୍ତ ଶିକ୍ଷକ ବ୍ଲକ ଶିକ୍ଷା ଅଧିକାରୀଙ୍କ ଦ୍ୱାରା ଶିକ୍ଷୟିତ୍ରୀମାନଙ୍କୁ ଅସମ୍ମାନ କରିଥିଲେ। ଏହି ଘଟଣା ଶିକ୍ଷୟିତ୍ରୀ ଶିକ୍ଷକଙ୍କ ମହଲରେ ଆଲୋଡନ ସୃଷ୍ଟି କରିଥିଲା। ଜିଲା ଶିକ୍ଷା ଅଧିକାରୀ ପ୍ରଶାନ୍ତ କୁମାର ମହାନ୍ତିଙ୍କ ନିକଟରେ ଏହା ପହଞ୍ଚିବା ପରେ ଘଟଣାର ତଦନ୍ତ ହୋଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଆଶା କରାଯାଉଥିଲା। ମାତ୍ର ତଦନ୍ତ ଆଳରେ ଏବେ ଏହି ପ୍ରକ୍ରିୟା ଶୀତଳ ପଡିଗଲାଣି। ଫଳରେ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ସୁରକ୍ଷା ବ୍ୟବସ୍ଥା ନେଇ ପ୍ରଶ୍ନ ଉଠିଛି। ଏପରି ଘଟଣା କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ ରାଲେଗଡା ହାଇସ୍କୁଲରେ ଘଟିଥିଲା। ତଦନ୍ତ ପ୍ରକ୍ରିୟାରେ କୌଣସି ଅଗ୍ରଗତି ହେଉ ନ ଥିବାରୁ ଶିକ୍ଷୟିତ୍ରୀଶିକ୍ଷକମାନେ ମାନସିକ ଅଶାନ୍ତି ଭିତରେ ଅଛନ୍ତି। ପଟ୍ଟାଙ୍ଗି ବ୍ଲକରେ ଅଧିକାଂଶ ହାଇସ୍କୁଲ ଅବା ପ୍ରାଥମିକ ବିଦ୍ୟାଳୟଗୁଡିକରେ ପ୍ରଧାନ ଶିକ୍ଷୟିତ୍ରୀ ଶିକ୍ଷକ ପଦ ଖାଲି ପଡୁଥିବାରୁ କିଛି କନିଷ୍ଠ ଶିକ୍ଷକ ବ୍ଲକ ଶିକ୍ଷା ଅଧିକାରୀଙ୍କୁ ହାତେଇ ପ୍ରଧାନ ଶିକ୍ଷକ ଦାୟିତ୍ୱରେ ରହୁଛନ୍ତି। ଦାୟିତ୍ୱ ପାଇବା ପରେ ସେମାନେ ନିଜକୁ ସମ୍ପୂର୍ଣ୍ଣ କ୍ଷମତାଶାଳୀ ମନେ କରି ଅନ୍ୟ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରୁଛନ୍ତି। ଏ ସମ୍ପର୍କରେ ବ୍ଲକ ଶିକ୍ଷା ଅଧିକାରୀ ଜାଣୁଥିଲେ ମଧ୍ୟ ସେ ନୀରବ ରହି ଏହାକୁ ସମର୍ଥନ କରୁଥିବା ଅଭିଯୋଗ ହେଉଛି। ବ୍ଲକ ଶିକ୍ଷା ବ୍ୟବସ୍ଥାର ଏପରି ଅବ୍ୟବସ୍ଥା ସମ୍ପର୍କରେ ଜିଲା ପ୍ରଶାସନ ଅବଗତ ଥିଲେ ସୁଦ୍ଧା କୌଣସି ପଦକ୍ଷେପ ଗ୍ରହଣ କରୁ ନ ଥିବାରୁ ଏହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଅନ୍ୟପକ୍ଷରେ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ମଧ୍ୟରେ ଏପରି ବିବାଦ ଛାତ୍ରୀଛାତ୍ରଙ୍କ ପାଠପଢ଼ା କ୍ଷେତ୍ରରେ ମଧ୍ୟ ପ୍ରତିବନ୍ଧକ ସୃଷ୍ଟି କରୁଛି। ବ୍ଲକର ଏପରି ଶିକ୍ଷା ବ୍ୟବସ୍ଥା ନେଇ ଅଭିଭାବକଙ୍କ ମଧ୍ୟରେ ଆନ୍ଦୋଳନ ଦାନା ବାନ୍ଧୁଛି। କେତେବେଳେ ଏହା ଉଗ୍ର ରୂପ ନେବ ଏବଂ ଯାହା ପରିସ୍ଥିତି ସୃଷ୍ଟି ହେବ ସେଥିପାଇଁ ବିଭାଗୀୟ କର୍ତ୍ତୃପକ୍ଷ ଦାୟୀ ରହିବେ ବୋଲି ସେମାନେ ପ୍ରକାଶ କରିଛନ୍ତି। ଏନେଇ ଜିଲା ଶିକ୍ଷା ଅଧିକାରୀ ମହାନ୍ତିଙ୍କୁ ପଚାରିବାରୁ ସେ କହିଲେ, ବ୍ଲକର ରାଲେଗଡା ହାଇସ୍କୁଲରେ ସୃଷ୍ଟି ହୋଇଥିବା ବିବାଦ ମୋ ଦୃଷ୍ଟିରେ ଅଛି। ଖରା ଛୁଟି ପାଇଁ ତଦନ୍ତ ପ୍ରକ୍ରିୟା ଆଗେଇ ପାରି ନ ଥିଲା। ବର୍ତ୍ତମାନ ଉକ୍ତ ଘଟଣା ସମ୍ପର୍କରେ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

### ଇଭିନିଂ କ୍ଲବ ଚାମ୍ପିୟନ

ସୁନାବେଡା/ସେମିଳିଗୁଡା,୨୩।୬ (କୃତ୍ତିବାସ ପ୍ରଧାନ/ବାସୁଦେବ ବରାଡ଼)

ସୁନାବେଡା ପ୍ରିମିୟର ଲିଗ (ଏସପିଏଲ୍) କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ ସୁନାବେଡା ଶିଶୁ ମନ୍ଦିର ଖେଳ ପଡିଆରେ ରବିବାର ଶେଷ ହୋଇଛି। ଫାଇନାଲ ମ୍ୟାଚରେ କୋରାପୁଟ ବିଧାୟକ ରଘୁରାମ ମାଛ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶୁଭାରମ୍ଭ କରିଥିଲେ । ଫାଇନାଲ ମ୍ୟାଚ ଇଭିନିଂ କ୍ଲବ ଜୟପୁର ଓ ଦୁର୍ଗା-୧୧ କୋରାପୁଟ ମଧ୍ୟରେ ହୋଇଥିଲା। ଟସ୍ ଜିତି ଇଭିନିଂ କ୍ଲବ ପ୍ରଥମେ ବ୍ୟାଟିଂ କରି ୧୨ ଓଭରରେ ୮ ଉଇକେଟ ହରାଇ ୧୯୩ ରନ ସଂଗ୍ରହ କରିଥିଲା। ଇଭିନିଂ କ୍ଲବ ପକ୍ଷରୁ ଲୋହିତ ସର୍ବାଧିକ ୨୦ ବଲରେ ୬୫ ରନ ସଂଗ୍ରହ କରିଥିଲେ। ପରେ ଦୁର୍ଗା-୧୧ ଦଳ ୧୨ ଓଭର ଖେଳି ୪ ଉଇକେଟ ବିନିମୟରେ ୧୬୪ ରନ ସଂଗ୍ରହ କରି ୨୯ ରନରେ ପରାସ୍ତ ହୋଇଥିଲା । ଫଳରେ ଇଭିନିଂ କ୍ଲବ ଚାମ୍ପିୟନ ହୋଇଥିଲା। ଦଳ ପକ୍ଷରୁ ମେଣ୍ଡିସ ୨୯ ବଲ ଖେଳି ୬୫ ରନ ସଂଗ୍ରହ କରିଥିଲେ। ବିଜୟୀ ଇଭିନିଂ କ୍ଲବର ଲୋହିତଙ୍କୁ ମ୍ୟାନ ଅଫ ଦି ମ୍ୟାଚ ସହ ମ୍ୟାନ ଅଫ ଦି ସିରିଜ ଘୋଷଣା କରାଯାଇଥିଲା। ବିଜୟୀ ଦଳକୁ ଟ୍ରଫି ସହ ୨୦ ହଜାର ଟଙ୍କା ପ୍ରଦାନ କରାଯାଇ ପୁରସ୍କୃତ କରାଯାଇଥିଲା। ସୂଚନାଯୋଗ୍ୟ, ଏହି ଟୁର୍ନାମେଣ୍ଟ ୧୨ ଦିନ ଧରି ଚାଲିଥିଲା। ଏଥିରେ ୧୬ଟି ଦଳ ଅଂଶଗ୍ରହଣ କରିଥିଲେ। । ସୁନାବେଡା ଏସପିଏଲର ସଭାପତି ପ୍ରଶାନ୍ତ ଖରା, ବୁବୁ ସ୍ୱାଇଁ ଓ ବାଲୁ ରାଉତ ମ୍ୟାଚ ପରିଚାଳନା କରିଥିଲେ ।

# ଗାଁରେ ବ୍ୟାପୁଛି ଅଜଣା ରୋଗ

ଦଶମନ୍ତପୁର,୨୩।୬ (ଅରବିନ୍ଦ ନାୟକ)


ଅଜଣା ରୋଗର ଶିକାର ହୋଇଥିବା ଦୁଇ ନାବାଳିକା ।

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଅନ୍ତର୍ଗତ ଗାଦିଆଗୁଡ଼ା ପଞ୍ଚାୟତର ପଞ୍ଚଡାପଦର ଗ୍ରାମରେ କିଛି ଦିନ ହେବ ଅଜଣାରୋଗ ବ୍ୟାପୁଥିବା ଲକ୍ଷ୍ୟ କରାଯାଉଛି। ଏଥିରେ ଗ୍ରାମର ଛୋଟ ପିଲାଙ୍କଠାରୁ ଆରମ୍ଭ କରି ବୃଦ୍ଧାବୃଦ୍ଧମାନେ ଆକ୍ରାନ୍ତ ହେଉଥିବା ଦେଖିବାକୁ ମିଳିଛି।

ଏହି ଗ୍ରାମରେ ୨୫ ପରିବାର ବସବାସ କରନ୍ତି। ଗ୍ରାମବାସୀଙ୍କ କହିବାନୁସାରେ ଗ୍ରାମର ଜଣେ ଛୋଟ ଝିଅ ମୁହଁରେ ଏକ ଛୋଟ ଘା' ସଦୃଶ ବାହାରି କିଛି ସମୟ ମଧ୍ୟରେ ଘା'ଟି ବଡ଼ ହୋଇ ଆପେ ଆପେ ଫାଟି ଯାଇଥିଲା। ତେବେ ଏହା କି ପ୍ରକାର ରୋଗ ଜଣାପଡି ନ ଥିଲା। ଯେଉଁଦିନ ଝିଅଟିର ଘା'ଟି ଫାଟିଯାଇଥିଲା ତା'ପରଦିନ ଗ୍ରାମର ମମତା ସାଉନ୍ତା, ମିକି ସାଉନ୍ତା, ଜାମ୍ବଲି ସାଉନ୍ତା, ଲିପସା ସାଉନ୍ତା, ସୁନ୍ଦରି ସାଉନ୍ତା, ଝାଡୁ ସାଉନ୍ତା, ଜୟନ୍ତୀ ସାଉନ୍ତା, ଆରତି ସାଉନ୍ତା, ରୁନି ସାଉନ୍ତା, ଅଭିୟ ସାଉନ୍ତା, ଶାନ୍ତି ସାଉନ୍ତା, ରାମ ସାଉନ୍ତା, ଦୁଲିଆ ସାଉନ୍ତା ଏବଂ ଭିଙ୍ଗୁ ସାଉନ୍ତା ଏହି ଅଜଣା ରୋଗର ଶିକାର ହୋଇଥିଲେ। କେତେ ଜଣ ରୋଗୀ ପୋଡାଗଡ଼ ସ୍ୱାସ୍ଥ୍ୟକେନ୍ଦ୍ରରେ ଯାଇ ଚିକିତ୍ସିତ ହୋଇଥିବା ଜଣାପଡିଛି।

### ମିଳିମିଳା ସନ୍ଦେହ କରୁଛନ୍ତି ଗ୍ରାମବାସୀ

ତେବେ ଗ୍ରାମର ଦିଶାରୀ ଓ ଗୁରୁମାଇମାନେ ଏହି ରୋଗକୁ ମିଳିମିଳା ବୋଲି ସନ୍ଦେହ କରି ଝଡ଼ା ଫୁଙ୍କା କରୁଥିବା ଦେଖିବାକୁ ମିଳିଛି। ଏନେଇ ସ୍ୱାସ୍ଥ୍ୟ ବିଭାଗ ପାଖରେ କୌଣସି ସୂଚନା ନ ଥିବାରୁ ଗ୍ରାମରେ ସ୍ୱାସ୍ଥ୍ୟ ବିଭାଗର ଟିମ୍ ପହଞ୍ଚିନାହିଁ। ଏସମ୍ପର୍କରେ ଏମ୍ଏଚ୍ଓ ଡାକ୍ତର ବ୍ରଜ ବିହାରୀ ଶର୍ମାଙ୍କୁ ପଚାରିବାରୁ ସେ କହିଲେ, ଡାକ୍ତରଖାନାରେ କାର୍ଯ୍ୟରତ କେତେ ଜଣ ଡାକ୍ତର ପିଜି ପରୀକ୍ଷା ଦେବାକୁ ଯାଇଛନ୍ତି। ସେମାନେ ଆସିଲା ପରେ କିଛି ବ୍ୟବସ୍ଥା ହୋଇପାରିବ।

# ୨୮ରେ ଜୟପୁରରେ ରାଜ୍ୟସ୍ତରୀୟ ସମ୍ମିଳନୀ


ବୈଠକରେ ଅଂଶଗ୍ରହଣ କରିଥିବା ଅବିଭକ୍ତ କୋରାପୁଟ ଜିଲାର ଖବରଦାତାମାନେ।

ଜୟପୁର, ୨୩।୬ (ପବନ ପାଣିଗ୍ରାହୀ)

- ଅବିଭକ୍ତ କୋରାପୁଟ ଜିଲା
- ଉତ୍କଳ ସାମ୍ବାଦିକ ସଂଘର ପ୍ରସ୍ତୁତି ବୈଠକରେ ନିଷ୍ପତ୍ତି

ଅବିଭକ୍ତ କୋରାପୁଟ ଜିଲା ଜୟପୁରଠାରେ ଉତ୍କଳ ସାମ୍ବାଦିକ ସଂଘର ରାଜ୍ୟସ୍ତରୀୟ ସମ୍ମିଳନୀ ପାଇଁ ରବିବାର ଏକ ପ୍ରସ୍ତୁତି ବୈଠକ ସ୍ଥାନୀୟ ପୂର୍ତ୍ତ ବିଭାଗ ଡାକବଙ୍ଗଳା ପରିସରରେ ଅନୁଷ୍ଠିତ ହୋଇଯାଇଛି। କୋରାପୁଟ ଜିଲା ସଭାପତି ତଥା ଆବାହକ କେ. ଶ୍ରୀନିବାସ ରାଓଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ମାଲକାନଗିରି, ରାୟଗଡା, ନବରଙ୍ଗପୁର ଏବଂ କୋରାପୁଟ ଜିଲା ସଂଘର କର୍ମକର୍ତ୍ତାମାନେ ଉପସ୍ଥିତ ରହି ଆସନ୍ତା ଜୁଲାଇ ୨୮ରେ ଜୟପୁରଠାରେ ରାଜ୍ୟସ୍ତରୀୟ ସମ୍ମିଳନୀ କରିବାକୁ ନିଷ୍ପତ୍ତି ନେଇଥିଲେ। ପ୍ରଥମଥର କରି ଅବିଭକ୍ତ କୋରାପୁଟ ଜିଲାର ଏହି ସମ୍ମିଳନୀ ହେବାକୁ ଯାଉଥିବାରୁ ସମ୍ମିଳନୀରେ ଓଡିଶାର ସମସ୍ତ ଜିଲାରୁ ୩ଶହରୁ ଊର୍ଦ୍ଧ୍ୱ ପ୍ରତିନିଧି ଅଂଶଗ୍ରହଣ କରିବେ। ସେଥିପାଇଁ ପ୍ରତିନିଧିମାନଙ୍କ ରହିବା, ସମ୍ମିଳନୀର ସ୍ଥାନ ନିରୂପଣ, ଖାଦ୍ୟପେୟ, ମୁଖ୍ୟ ଅତିଥି ସମ୍ମାନିତ ଅତିଥିମାନଙ୍କୁ ନିମନ୍ତ୍ରଣ, କୃତିତ୍ୱ ଅର୍ଜନ କରିଥିବା ପ୍ରତିନିଧିମାନଙ୍କୁ ଏହି ଅବସରରେ ସମ୍ମାନିତ କରାଯିବ। ୨୯ ତାରିଖରେ ସମସ୍ତ ପ୍ରତିନିଧି ଗୁପ୍ତେଶ୍ୱର ପୀଠ ପରିଦର୍ଶନ କରିବା ଲାଗି ବ୍ୟବସ୍ଥା ହେବ। ସମ୍ମିଳନୀର ସଫଳ ପରିଚାଳନା ନେଇ ବିଭିନ୍ନ କମିଟି ଗଠନ କରାଯାଇଛି। ବୈଠକରେ ରାଜ୍ୟ ସମ୍ପାଦକ ନୃସିଂହ ବ୍ରହ୍ମା, ମାଲକାନଗିରି ଜିଲା ସଭାପତି ଦୁର୍ଯ୍ୟୋଧନ ପାତ୍ର, ଉପଦେଷ୍ଟା ସୀମାଞ୍ଚଳ ପାଣିଗ୍ରାହୀ, କାର୍ଯ୍ୟାଳୟ ସମ୍ପାଦକ ସତ୍ୟ ନାରାୟଣ ଦାସ, କୋଷାଧ୍ୟକ୍ଷ ହୃଷୀକେଶ ସେଠୀ, ନବରଙ୍ଗପୁର ଜିଲା ସଭାପତି ହୃଷୀକେଶ ମିଶ୍ର, ସମ୍ପାଦକ ଧୀରେନ ପଣ୍ଡା, ଦେବୀ ପଟ୍ଟନାୟକ, କରେଶ ଚନ୍ଦ୍ର ଉପାସି, କୋରାପୁଟ ଜିଲା କାର୍ଯ୍ୟକାରୀ ସଭାପତି ଜୟସିଂପଡା ସେଠୀ, ସୁଦର୍ଶନ ସେନାପତି, ମନୋଜ ଦାସ, ଶୁଭ ନାରାୟଣ ମହାନ୍ତି, ଚିତ୍ତରଞ୍ଜନ ଚୌଧୁରୀ, ମନୋଜ ଦାସ, ମଧୁସୂଦନ ପାତ୍ର, କୃଷ୍ଣଚନ୍ଦ୍ର ଗଲରି, ଶ୍ୟାମ ଖିଲ, ଅଚ୍ୟୁତ ପଣ୍ଡା, ପି. ଗୋପାଳ ରାଓ, ଆନନ୍ଦ ଖରାଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

### ହାନାଗୁଡ଼ା ଷ୍ଟାଡିୟମରେ କ୍ରିକେଟ ଖେଳ ଅନୁଷ୍ଠିତ
## ସିଲୁ ଏକାଦଶ ବିଜୟୀ

ଜୟପୁର,୨୩।୬(ପବନ ପାଣିଗ୍ରାହୀ)

ଜୟପୁର ହାନାଗୁଡା ଷ୍ଟାଡିୟମରେ ଟି-୧୦ କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ ରବିବାର ଅନୁଷ୍ଠିତ ହୋଇଛି । ଫାଇନାଲ ମ୍ୟାଚରେ ସିଲୁ ଏକାଦଶ ପ୍ରଥମେ ଟସ୍ ଜିତି ବୋଲିଂ ନିଷ୍ପତ୍ତି ନେଇ ପ୍ରତିଦ୍ୱନ୍ଦ୍ୱୀ କୁନ୍ତରଖାଲ ଏକାଦଶକୁ ବ୍ୟାଟିଂ ପାଇଁ ଆମନ୍ତ୍ରଣ କରିଥିଲା। ନିର୍ଦ୍ଧାରିତ ୧୦ ଓଭର ବିଶିଷ୍ଟ ମ୍ୟାଚରେ କୁନ୍ତରଖାଲ ୯୫ ରନ ସଂଗ୍ରହ କରିଥିଲା। ସିଲୁ ଏକାଦଶ ୮ ଓଭର ୨ଟି ବଲରେ ୯୬ ରନ ଲକ୍ଷ ହାସଲ କରି ବିଜୟୀ ହୋଇଥିଲା। ଦଳ ପକ୍ଷରୁ ରାଜା ୨୨ ବଲରେ ୪୬ ରନ ସଂଗ୍ରହ କରି ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ । ସେହିଭଳି କୁନ୍ତରଖାଲ ଦଳର ଅମିଲ ଟୁର୍ନାମେଣ୍ଟରେ ଭଲ ପ୍ରଦର୍ଶନ କରି ମ୍ୟାନ ଅଫ ଦି ସିରିଜ ବିବେଚିତ ହୋଇଥିଲେ । ଏହି ଅବସରରେ ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରି ଚାମ୍ପିୟନ ଦଳକୁ ରମେଶ ଦାସ ଟ୍ରଫି ସହ ନଗଦ ୩୫ହଜାର ଟଙ୍କା ଅର୍ଥ ରାଶି ପ୍ରଦାନ କରି ପୁରସ୍କୃତ କରିଥିଲେ। ଟୁର୍ନାମେଣ୍ଟକୁ ସୁରଜିତ ରାଉତରାୟ, କୁନା ଜାନି, ଜୋରଡ଼ନ ବିଶୋୟୀ, ସଚିନ ନାୟକ, ସୁନୀଲ ଖୋସଲା ପ୍ରମୁଖ ପରିଚାଳନା କରିଥିଲେ।

# ମା' ଭଗବତୀ ମନ୍ଦିରରୁ ଚୋରି



ପୋଲିସ, ସନ୍ଧାନୀ କୁକୁର ସହ ଚାଲିଥିବା ତଦନ୍ତ। ରୋଷ ଘର ନିକଟରେ ଚୋରମାନେ ଫିଙ୍ଗି ଦେଇଥିବା ମା'ଙ୍କ ବିଭିନ୍ନ ସାମଗ୍ରୀ।

ଜୟପୁର,୨୩।୬(ପବନ ପାଣିଗ୍ରାହୀ)

ଜୟପୁର ଜଗନ୍ନାଥ ମନ୍ଦିର ପରିସରେ ଥିବା ଅଧିଷ୍ଠାତ୍ରୀ ଦେବୀ ମା' ଭଗବତୀ ମନ୍ଦିରରୁ ଚୋରି ହୋଇଛି । ଦୁର୍ବୃତ୍ତମାନେ ଶନିବାର ବିଳମ୍ବିତ ରାତିରେ ପଶି ଚୋରି କରିଥିବା ଜଣାପଡିଛି। ମନ୍ଦିର ସେବାୟତ ହରି ଗୌଡ ସକାଳ ୮ଟାରେ ମନ୍ଦିର ଚାବି ଖୋଲିବା ବେଳେ ଏହା ଜାଣିବାକୁ ପାଇଥିଲେ। ପରେ ମା'ଙ୍କ ପୂଜକ ଭିରେନ୍ଦ୍ର ରଥ ପହଞ୍ଚିବା ପରେ ଚୋରି ନେଇ ଯାଞ୍ଚ ହୋଇଥିଲା। ଚୋରମାନେ ମା'ଙ୍କ ହୁଣ୍ଡିରୁ ଅନେକ ଟଙ୍କା ନେଇଯାଇଥିଲେ ମଧ୍ୟ ହୁଣ୍ଡିରେ ସୁନାମୁଦି ଛାଡି ଯାଇଥିଲେ। ତେବେ ଦୀର୍ଘଦିନ ହେଲା ହୁଣ୍ଡି ଖୋଲାଯାଇ ନ ଥିବାରୁ ହୁଣ୍ଡିରେ କେତେ ଟଙ୍କା ଥିଲା କେତେ ଟଙ୍କା ଚୋରି ହୋଇଛି ତାହା ଜାଣିବା କଷ୍ଟକର ହୋଇପଡିଛି। ମା'ଙ୍କ ହୁଣ୍ଡି, ଅଳଙ୍କାର ଓ ଶାଢି ରୋଷେଇ ଘର ନିକଟରେ ପଡିଥିବା ଦେଖିବାକୁ ମିଳିଥିଲା। ଏନେଇ ଦେବୋତ୍ତର ଅଧିକାରୀ ମନୋଲିତା ଆଚାର୍ଯ୍ୟ ଓ ଟାଉନଥାନା ପୋଲିସକୁ ଅବଗତ କରାଯାଇଥିଲା। ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ମନ୍ଦିର କାଠ କବାଟ ତାଲା ଭାଙ୍ଗି ଦୁର୍ବୃତ୍ତମାନେ ଭିତରେ ପଶିଥିଲେ। ମା' ପିନ୍ଧିଥିବା ରୁପା ଚୁଡିକୁ ବାହାର କରିଥିଲେ ମଧ୍ୟ ତାହା ନେଇ ନ ପାରି ସେହି ଚୁଡି ଲୁଗା, ହୁଣ୍ଡିର ହାଣ୍ଡି ରୋଷେଇ ଘର ପାଖରେ ପକାଇ ଚାଲିଯାଇଥିଲେ। ମନ୍ଦିରରେ ସିସି କ୍ୟାମେରା ଲାଗିଥିବା ବେଳେ ସେମାନେ ତାର କାଟି ଦେଇଛନ୍ତି। ଗୋଟିଏ ସିସି କ୍ୟାମେରା ନେଇଯାଇଥିବା ଜଣାପଡିଛି। ପୋଲିସ ସହ ସାଇଣ୍ଟିଫିକ ଟିମ, ସନ୍ଧାନୀ କୁକୁର ମଧ୍ୟ ପହଞ୍ଚିଛି। ଚୋରି ଯୋଗୁ ମନ୍ଦିରରେ ମା'ଙ୍କ ନୀତିକାନ୍ତିରେ ବହୁ ବିଳମ୍ବ ହୋଇଥିଲା। ଅହରାହ୍ନ ୧ଟାରେ ମା'ଙ୍କୁ ପଞ୍ଚାମୃତରେ ମହାସ୍ନାନ କରାଯାଇ ହୋମ କରାଯାଇଥିଲା। ପରେ ଅନ୍ନ ଭୋଗ ଲାଗି ହୋଇଥିଲା। ଚୋରମାନେ ସିସି କ୍ୟାମେରା ତାର କାଟିବା ଘଟଣାରୁ ଏଥିରେ ଜଣାଶୁଣା ବ୍ୟକ୍ତିର ହାତ ଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି। ମା' ଭଗବତୀଙ୍କ ଆଲୌକିକ ଶକ୍ତି ରହିଛି। ତୁରନ୍ତ ଦୁର୍ବୃତ୍ତମାନେ ଗିରଫ ହେବେ ବୋଲି ମା' ଭଗବତୀ ସେବା ଟ୍ରଷ୍ଟର ଅଧ୍ୟକ୍ଷ ସୂର୍ଯ୍ୟ ନାରାୟଣ ରଥ କହିଛନ୍ତି।

# ଅମଲା ଭବନ ତାଲା ଭଙ୍ଗା ହେବ



ବୈଠକରେ ମଞ୍ଚାସୀନ କର୍ମକର୍ତ୍ତାମାନେ ଆଲୋଚନା କରୁଛନ୍ତି।

ଜୟପୁର,୨୩।୬(ପବନ ପାଣିଗ୍ରାହୀ)

ଓଡ଼ିଶା ଅମଲା ସଂଘର ଏକ ଜରୁରୀ ବୈଠକ ଜୟପୁର ଯାଦବ ଭବନଠାରେ ରବିବାର ଅନୁଷ୍ଠିତ ହୋଇଛି। କୋରାପୁଟ ଜିଲା ଶାଖା ସଂଘ ସଭାପତି ଶଶୀଭୂଷଣ ଦାଶଙ୍କ ତତ୍ତ୍ୱାବଧାନରେ ହୋଇଥିବା ଏହି ବୈଠକରେ ରାଜ୍ୟ କର୍ମକର୍ତ୍ତାଙ୍କ ଉପସ୍ଥିତିରେ ଆଗାମୀ ଦିନରେ ଅମଲା ଭବନ ତାଲା ଭଙ୍ଗାଯିବାକୁ ନିଷ୍ପତ୍ତି ହୋଇଥିଲା। ଏଥିସହ ଜିଲାସ୍ତରୀୟ ଅମଲାଙ୍କ ଏକମାତ୍ର ଦାବି କନିଷ୍ଠ ସହାୟକଙ୍କ ପ୍ରବେଶିକା ଦରମା ହାର ୪୨୦୦ ଗ୍ରେଡ ପେ ଦାବି ପୂରଣ ଲାଗି ନୂତନ ସରକାରଙ୍କୁ ଅବଗତ କରାଇବାଲାଗି ମଧ୍ୟ ବୈଠକରେ ନିଷ୍ପତ୍ତି ହୋଇଥିଲା ।

ସଂଘର ୮୧ ବର୍ଷ ପୂର୍ତ୍ତି ଉପଲକ୍ଷେ ଜୁଲାଇ ୧୭ରେ ଉତ୍ସବ ପାଳନ ହେବ। ରାଜସ୍ୱ ସଂଘର କେତେକ କର୍ମକର୍ତ୍ତା ଅମଲା ଭବନର ଦାୟିତ୍ୱ ହସ୍ତାନ୍ତର କରୁ ନ ଥିବାରୁ ବୈଠକରେ ଉଦ୍‌ବେଗ ପ୍ରକାଶ ପାଇଥିଲା। ବାରମ୍ବାର ଜିଲା ସଂଘ, ରାଜ୍ୟ ସଂଘ ଓ ଗୃହ ବିଭାଗ ସେମାନଙ୍କୁ ପତ୍ର ମାଧ୍ୟମରେ ଜଣାଇଥିଲେ ମଧ୍ୟ ସେମାନେ ଦାୟିତ୍ୱ ହସ୍ତାନ୍ତର କରୁନାହାନ୍ତି। ଏ ନେଇ ଜିଲାପାଳ ଓ ଏସ୍‌ପିଙ୍କ ଦୃଷ୍ଟି ଆକର୍ଷଣ କରି କିଛି ସୁଫଳ ମିଳିନି। ଆଉ ଅପେକ୍ଷା ନ କରି ଆସନ୍ତା ୩୦ତାରିଖରେ ଏକ ଖବରଦାତା ସମ୍ମିଳନୀ କରି ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯିବ। ପରେ ରାଜ୍ୟ ସଂଘର ନେତୃବୃନ୍ଦଙ୍କ ଉପସ୍ଥିତିରେ ଅମଲା ଭବନର ତାଲା ଭଙ୍ଗାଯିବ ବୋଲି ସର୍ବସମ୍ମତିକ୍ରମେ ନିଷ୍ପତ୍ତି ହୋଇଥିଲା। ବୈଠକରେ ସମ୍ପାଦକ ସଞ୍ଜୟ ପଣ୍ଡା, ଯୁଗ୍ମ ସମ୍ପାଦକ ରାଜେନ୍ଦ୍ର ନାରାୟଣ ପାଢ଼ୀ, ଉପ ସଭାପତି ସଞ୍ଜୟ ରଥ, ବରିଷ୍ଠ ସଦସ୍ୟ ଭବାନୀ ରଥ, ପ୍ରମୋଦ ଭୂୟାଁ, କିଶୋର ଚନ୍ଦ୍ର ଦାଶ, ସତ୍ୟ ରଞ୍ଜନ ତ୍ରିପାଠୀ, ପ୍ରତୀକ ମିଶ୍ର, ତ୍ରିନାଥ ପଣ୍ଡା, ସୀତାକାନ୍ତ ମହାପାତ୍ରଙ୍କ ସମେତ ବହୁ ଅମଲା ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଅମଲାସଂଘ କାର୍ଯ୍ୟାଳୟ ଖୋଲି ନ ଥିବାରୁ କର୍ମକର୍ତ୍ତାମାନେ ଶପଥ ଗ୍ରହଣ କରିପାରୁନାହାନ୍ତି।

### ଉପସ୍ଥିତ ରହିବେ ରାଜ୍ୟ ନେତୃବୃନ୍ଦ

# ଆୟୁର୍ବେଦର ଅନ୍ତୁଡ଼ିଶାଳ ଦକ୍ଷିଣ ଓଡ଼ିଶା: ବିଧାୟକ

### ଦକ୍ଷିଣ ଓଡ଼ିଶା ଆୟୁର୍ବେଦ ବିକାଶ ପରିଷଦର ବାର୍ଷିକ ଉତ୍ସବ

ଜୟପୁର, ୨୩।୬(ପବନ ପାଣିଗ୍ରାହୀ)


ଉତ୍ସବରେ ମଞ୍ଚାସୀନ ଅତିଥି।

ଆୟୁର୍ବେଦର ଅନ୍ତୁଡ଼ିଶାଳ ହେଉଛି ଦକ୍ଷିଣ ଓଡ଼ିଶା । ବିଶେଷକରି ଅବିଭକ୍ତ କୋରାପୁଟ ଏବଂ ଗଞ୍ଜାମ ଜିଲାରେ ଯେଉଁଳି ଆୟୁର୍ବେଦ ଔଷଧ ମିଳେ ତାହା ଦେଶର ଅନ୍ୟ ପ୍ରାନ୍ତରେ ସମ୍ଭବ ନୁହେଁ। ଗଞ୍ଜାମ ଜିଲାରେ ଶହ ଶହ ବର୍ଷ ପୂର୍ବରୁ ଆୟୁର୍ବେଦକୁ ଲୋକେ ଆପଣାଇଥିବା ବେଳେ ଏହାର ପ୍ରଚାର ପ୍ରସାର ଦିଗରେ ମଧ୍ୟ ଦକ୍ଷିଣ ଓଡ଼ିଶାବାସୀ ଉଦ୍ୟମ କରି ଚାଲିଛନ୍ତି ବୋଲି କହିଛନ୍ତି ବିଧାୟକ ତାରାପ୍ରସାଦ ବାହିନୀପତି। ଆୟୁର୍ବେଦକୁ ରାଜ୍ୟ ସରକାରମାନେ ଯେଉଁଳି ଗୁରୁତ୍ୱ ଦେବା କଥା ତାହା ଦେଇନାହାନ୍ତି ବୋଲି ପ୍ରକାଶ କରି ଏନେଇ ସେ ବିଧାନସଭାରେ ଯାହା ଆବଶ୍ୟକ ସେ ବାବଦରେ ପ୍ରସ୍ତାବ ରଖିବେ ବୋଲି ଦକ୍ଷିଣ ଓଡ଼ିଶା ଆୟୁର୍ବେଦ ବିକାଶ ପରିଷଦର ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସେ କହିଥିଲେ। ପରିଷଦ ସଭାପତି ଡାକ୍ତର ସୁଦର୍ଶନ ଗୌଡ଼ଙ୍କ ଅଧ୍ୟକ୍ଷତାରେ ହୋଇଥିବା ଏହି ଉତ୍ସବରେ ମୁଖ୍ୟବକ୍ତା ଭାବେ କବି ପ୍ରଦୀପ ମିଶ୍ର, ସମ୍ମାନିତ ଅତିଥି ଭାବେ ସୋରଡ଼ାରୁ ଆସିଥିବା ଦିବ୍ୟ ଫାର୍ମାର ପ୍ରତିଷ୍ଠାତା ଉପେନ୍ଦ୍ର ପାତ୍ର, ନିଳାଞ୍ଚଳ ଶତପଥୀ, ଦ୍ୱିତୀକୃଷ୍ଣ ଶତପଥୀ, କାଶୀନଗରରୁ ଆସିଥିବା ପ୍ରକାଶ ପାତ୍ର ଯୋଗ ଦେଇ ଆୟୁର୍ବେଦ ଉପରେ ନିଜର ଅଭିଜ୍ଞତା ବର୍ଣ୍ଣନା କରିଥିଲେ । ଗତ ଦିନରେ ରାଜ୍ୟ ସରକାର କଳାକାର ଭତ୍ତା ପ୍ରଦାନ କରିଥିବା ବେଳେ ସଙ୍କୀର୍ତ୍ତନ ମଣ୍ଡଳୀ ପାଇଁ ମଧ୍ୟ ଭତ୍ତା ବ୍ୟବସ୍ଥା କରିଥିଲେ । କିନ୍ତୁ ଗାଁ ଗହଳିରେ ରାତିଦିନ ଲୋକଙ୍କ ସେବା କରୁଥିବା ଗାଁ ବଇଦମାନଙ୍କୁ କୌଣସି ସରକାରୀ ସ୍ୱୀକୃତି କିମ୍ବା ପ୍ରୋତ୍ସାହନ ମିଳୁ ନ ଥିବା ସେମାନେ ଅଭିଯୋଗ କରିଥିଲେ। ଉପଦେଷ୍ଟା ଶ୍ରୀରାମ ଗୌଡ଼, ସହ ସମ୍ପାଦକ ବୈଦ୍ୟ ସତ୍ୟ ନାରାୟଣ ପରିଚ୍ଛା, କୋଷାଧ୍ୟକ୍ଷ ଭବାନୀ ଚରଣ ଆଚାର୍ଯ୍ୟ ପ୍ରମୁଖ ମଞ୍ଚାସୀନ ଥିଲେ । ଏହି ଅବସରରେ ୩୦ ଜଣ ବୈଦ୍ୟଙ୍କୁ ସମ୍ମାନିତ କରାଯାଇଥିଲା । ଶ୍ରୀକାନ୍ତ ପାତ୍ର, ଡାକ୍ତର ଜିନିଆରାଣୀ ମହାକୁଡ଼, ଡାକ୍ତର ପ୍ରଶାନ୍ତ ପ୍ରଧାନ, ଡାକ୍ତର ପ୍ରଶାନ୍ତ ସାହୁ, ମଦନ ମୋହନ ନାୟକ, ମାଧବ ଚୌଧୁରୀ, ଦେବେନ୍ଦ୍ର ବାହିନୀପତି ପ୍ରମୁଖ ଉପସ୍ଥିତ ଥିଲେ। ଉପସଭାପତି କ୍ଷେତ୍ରବାସୀ ପଣ୍ଡା ଧନ୍ୟବାଦ ଦେଇଥିଲେ।

# ଶାବର ଶ୍ରୀକ୍ଷେତ୍ରରେ ପଟିଦିଅଁଙ୍କୁ ପୂଜାର୍ଚ୍ଚନା

କୋରାପୁଟ,୨୩।୬(ଅମିତାଭ ବେହେରା)


ପୂଜା ପାଉଥିବା ପଟିଦିଅଁ।

ସ୍ନାନ ପୂର୍ଣ୍ଣିମା ଦିନ ୧୦୮ ଗରା ଜଳରେ ଗାଧୋଇ ଜ୍ୱରରେ ପଡିଛନ୍ତି ମହାପ୍ରଭୁ। କୋରାପୁଟ ଶାବର ଶ୍ରୀକ୍ଷେତ୍ରରେ ଏବେ ତିନିଠାକୁର ଅଣସର ଘରେ ରହି ଶବର ତଥା ଆଦିବାସୀ ବୈଦ୍ୟଙ୍କ ଦ୍ୱାରା ପାରମ୍ପରିକ ଚିକିତ୍ସାରେ ଚିକିତ୍ସିତ ହେଉଛନ୍ତି। ଶ୍ରଦ୍ଧାଳୁମାନେ ମାନେ ମନ୍ଦିର ମୁଖ୍ୟ ଫାଟକଠାରେ ଠାକୁରଙ୍କ ପଟ୍ଟଚିତ୍ର(ପଟି ଦିଅଁ)ଙ୍କୁ ଦର୍ଶନ କରି ଫେରୁଛନ୍ତି। ମନ୍ଦିର ସମ୍ମୁଖରେ ଏବେ ଜଗନ୍ନାଥଙ୍କ ପାଇଁ ଶ୍ରୀ ଅନନ୍ତ ନାରାୟଣ, ବଳଭଦ୍ରଙ୍କ ପାଇଁ ଶ୍ରୀ ଅନନ୍ତ ବାସୁଦେବ ଓ ଦେବୀ ସୁଭଦ୍ରାଙ୍କ ପାଇଁ ଭୁବନେଶ୍ୱରୀଙ୍କ ପଟ୍ଟଚିତ୍ର ପୂଜା କରାଯାଉଛି । ଅଣସର ଘରେ ଅସୁସ୍ଥ ୩ ଠାକୁରଙ୍କୁ ପୂର୍ବ ପୁରୁଷଙ୍କଠାରୁ ପରମ୍ପରା ସୂତ୍ରରେ ପାଇଥିବା ଚିକିତ୍ସା ପଦ୍ଧତିକୁ ଆଧାର କରି ଆଦିବାସୀ ସେବକ ତଥା ଅପରକଣ୍ଡାପଲ୍ଲିର ରାମଚନ୍ଦ୍ର ଗେମେଲ ଚିକିତ୍ସା କରୁଛନ୍ତି। ସେ ବଣ ଜଙ୍ଗଲର ଫୁଲଫଳ, ଚେରମୂଳି ସମେତ ବିଭିନ୍ନ ଜଡିବୁଟି ଲେପ ଦେଇ ଠାକୁରଙ୍କୁ ସୁସ୍ଥ କରିବାକୁ ଉଦ୍ୟମ କରୁଛନ୍ତି। ଶ୍ରୀ ଜଗନ୍ନାଥ, ବଳଭଦ୍ର ଓ ଦେବୀ ସୁଭଦ୍ରାଙ୍କ ଅଣସର ଘରେ ସେବା ସରିବା ପର୍ଯ୍ୟନ୍ତ ପଟି ଦିଅଁ ପୂଜା ପାଇବେ ବୋଲି ମନ୍ଦିର ପରିଚାଳନା କମିଟି ପକ୍ଷରୁ କୁହାଯାଇଛି। ଜୁଲାଇ ୭ରେ ନେତ୍ର ଉତ୍ସବ ଦିନ ତିନିଠାକୁର ସମ୍ପୂର୍ଣ୍ଣ ସୁସ୍ଥ ହେବେ। ଏହିଦିନ ଠାକୁରଙ୍କ ନେତ୍ର ଉତ୍ସବ ପାଳନ କରାଯିବ ବୋଲି ପରିଚାଳନା କମିଟି ସମ୍ପାଦକ ଡ. ଜଗବନ୍ଧୁ ସାମଲ କହିଛନ୍ତି। ସୂଚନାଯୋଗ୍ୟ ୭ରେ ନେତ୍ର ଉତ୍ସବ ଓ ରଥଯାତ୍ରା ପଡୁଛି। ଏହାକୁ ଲକ୍ଷ୍ୟ ରଖି ରଥକାମ ଦ୍ରୁତ ବେଗରେ ଚାଲିଛି। ଏବେ ୩ ରଥ ରଙ୍ଗ କରାଯିବା ସହ ବିଭିନ୍ନ ପାର୍ଶ୍ୱଦେବାଦେବୀଙ୍କ ରଙ୍ଗ କାର୍ଯ୍ୟ ଚାଲିଥିବା ସମ୍ପାଦକ ସାମଲ ସୂଚନା ଦେଇଛନ୍ତି।

### ଅସୁସ୍ଥ ହୋଇ ଅଣସରରେ ତିନିଠାକୁର

**ପୂର୍ବ ତଟ ରେଳପଥ**

ଟେଣ୍ଡର ସଂ. MCSW-Scrap-Dis-24-25-14

**କାର୍ଯ୍ୟର ନାମ :** ରେଳ ଦ୍ରବ୍ୟ ମରାମତି କାରଖାନା, ମଞ୍ଚେଶ୍ୱରଠାରେ ପଲିକ୍ରାକ୍ (Polycrack) ୟୁନିଟ୍ ପଛରେ ଥିବା ଅଂଚଳରେ ଶୂନ୍ୟ ମୂଲ୍ୟ / କମ୍ ମୂଲ୍ୟ ସ୍କ୍ରାପ୍‌କୁ ଅଲଗା କରିବା ତଥା ଏକ ଅନୁମୋଦିତ ପ୍ରାଧିକୃତ ଏଜେନ୍ସି ଦ୍ୱାରା ସ୍ଥାନୀୟ ସଂସ୍କାର ସ୍ୱୀକୃତ ଅଳିଆଗଦାସ୍ଥିତ ରେଳବାଇ ପରିସରରେ ସେଗୁଡ଼ିକର ଅପସାରଣ ।

**ବିଜ୍ଞାପିତ ମୂଲ୍ୟ (₹) :** 36,91,477.90, EMD (₹) : 73,800.00, ଶେଷ ହେବା ଅବଧି : 06 ମାସ ।

ବିଡ୍ ଆରମ୍ଭ ହେବା ତାରିଖ : ତା.25.06.2024 ରିଖ,

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.09.07.2015 ରିଖ 1500 ଘଟିକାରେ ।

ଏହି ଟେଣ୍ଡର ସନ୍ଦର୍ଭରେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ ।

ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିସ୍ତୃତ ବିବରଣୀ ଏବଂ ଶୁଦ୍ଧିପତ୍ର www.ireps.gov.in ରେ ଉପଲବ୍ଧ ଅଟେ ।

ଡେପୁଟି ଚିଫ୍ ମେକାନିକାଲ ଇଂଜିନିୟର(Prod), ରେଳ ଦ୍ରବ୍ୟ ମରାମତି କାରଖାନା/ ମଞ୍ଚେଶ୍ୱର

PR-237/P/24-25

# ଡିପ୍‌ଥେରିଆ ପରେ ହଇଜା ଆଶଙ୍କା, ଭୟରେ ଅଞ୍ଚଳବାସୀ

**ରାୟଗଡ଼ା,୨୩।୬(ଆଶିଷ ରଞ୍ଜନ ପଣ୍ଡା)**

ରାୟଗଡ଼ା ଜିଲା କାଶୀପୁର ବ୍ଲକରେ ଡିପ୍‌ଥେରିଆ ରୋଗ ନିୟନ୍ତ୍ରଣାଧୀନ ହୋଇଥିବାବେଳେ ଏବେ ବର୍ଷାଦିନ ଆରମ୍ଭ ହୋଇଯାଇଥିବାରୁ ହଇଜା, ମ୍ୟାଲେରିଆ ଆଶଙ୍କା ଦେଖାଦେଇଛି। ଖଣି ପାଇଁ ବିଶ୍ୱପ୍ରସିଦ୍ଧ କାଶୀପୁର ବ୍ଲକରେ ସବୁଠୁ ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବା ପ୍ରତ୍ୟେକ ସଂକ୍ରମଣ ରୋଗକୁ ନିମନ୍ତ୍ରଣ କରୁଥିବା ଆଲୋଚନା ହେଉଛି। ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବା ପାଇଁ ଲୋକଙ୍କ ଜୀବନ ଯିବା ଏକପ୍ରକାର ନିୟମ ପାଲଟି ଯାଇଛି। ୨୦୨୨ ଜୁଲାଇରେ ହଇଜାରେ ଆକ୍ରାନ୍ତ ହୋଇ ୧୨ ଜଣ ମୃତ୍ୟୁବରଣ କରିଥିଲେ। ହଇଜାରେ ଲୋକଙ୍କ ମୃତ୍ୟୁକୁ ନେଇ କେବଳ ରାଜ୍ୟରେ ନୁହେଁ, ସମଗ୍ର ଦେଶରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଥିଲା କାଶୀପୁର ବ୍ଲକ୍। ତଥାପି ଅଦ୍ୟାବଧି ସ୍ୱାସ୍ଥ୍ୟ ବିଭାଗର ଚେତା ପଶିଲାନି କିମ୍ବା ସେଠାରେ ସ୍ୱାସ୍ଥ୍ୟସେବାରେ କୌଣସି ସୁଧାର ଆସିଲା ନାହିଁ। ନିକଟରେ କାଶୀପୁର ବ୍ଲକର ଡଙ୍ଗାସିଲ ପଞ୍ଚାୟତ ମୁନୁଷପଦର ଗ୍ରାମରେ ଡିପ୍‌ଥେରିଆ ରୋଗରେ ଆକ୍ରାନ୍ତ ହୋଇ ୫ ଶିଶୁ ମୃତ୍ୟୁବରଣ କରିଥିଲେ, ଯାହାର ମୂଳ କାରଣ ରହିଥିଲା ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବା। ଡଙ୍ଗାସିଲଠାରେ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ରହିଥିଲେ ମଧ୍ୟ ଡିପିଟି ଟିକାକରଣ ଠିକ୍ ସମୟରେ କରାଯାଇ ନ ଥିଲା। ହେଲେ ଏଥିପ୍ରତି କାହାର ତଦାରଖ ନ ଥିଲା। ପୂର୍ବ ପ୍ରସ୍ତୁତି ବଦଳରେ ଲୋକେ ରୋଗରେ ପୀଡ଼ିତ ହେବା ଏବଂ ମୃତ୍ୟୁବରଣ ଖବର ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ସ୍ୱାସ୍ଥ୍ୟ ବିଭାଗ କିଛିଦିନ ସେବା ଯୋଗାଇ ଦେଇ ପୁଣି ସ୍ଥାଣୁ ପାଲଟି ଯାଇଥିବା ଅଭିଯୋଗ ହୋଇଛି।

- **କାଶୀପୁର ବ୍ଲକ୍‌ରେ ସ୍ୱାସ୍ଥ୍ୟ ବ୍ୟବସ୍ଥା ବିପର୍ଯ୍ୟସ୍ତ**
- **ନାହାନ୍ତି ବିଶେଷଜ୍ଞ, ରୋଗ ବ୍ୟାପିବା ପରେ ସ୍ୱାସ୍ଥ୍ୟ ବିଭାଗ ତତ୍ପର**

କାଶୀପୁର ବ୍ଲକ୍‌ରେ ୨୪ ପଞ୍ଚାୟତ ରହିଥିବା ବେଳେ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ କ୍ଷେତ୍ରରେ ଏବେ ବି ଅବହେଳିତ। ତେବେ ସ୍ୱାସ୍ଥ୍ୟସେବା ଓ ଗମନାଗମନ ସେବା ଅତ୍ୟନ୍ତ ଶୋଚନୀୟ। ୨୪ ପଞ୍ଚାୟତରେ ପ୍ରାୟ ୧ ଲକ୍ଷ ୫୦ ହଜାର ଲୋକ ବାସ କରୁଥିବା ବେଳେ ବ୍ଲକ ମହକୁମାରେ ଗୋଟିଏ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ୬ଟି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ରହିଛି। କାଶୀପୁରଠାରେ ସ୍ୱାସ୍ଥ୍ୟକେନ୍ଦ୍ରରେ ଶିଶୁରୋଗ ବିଶେଷଜ୍ଞ, ସ୍ତ୍ରୀ ଓ ପ୍ରସୂତି ରୋଗ ବିଶେଷଜ୍ଞ ଏବଂ ଅସ୍ତ୍ରୋପଚାର ବିଶେଷଜ୍ଞ ନାହାନ୍ତି। ଜିଲା ଗଠନ ହେବାର ୩୨ ବର୍ଷ ବିତିଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ନିଯୁକ୍ତ ହୋଇନାହାନ୍ତି କାଶୀପୁର ବ୍ଲକରେ ଜଣେ ହେଲେ ବିଶେଷଜ୍ଞ। ଉପଯୁକ୍ତ ଚିକିତ୍ସା ନ ଥିବା ଯୋଗୁ ଲୋକେ ବାଧ୍ୟ ହୋଇ ଗୁଣିଗାରେଡି ଏବଂ ଝଡାଫୁଙ୍କା ଉପରେ ନିର୍ଭର କରୁଛନ୍ତି ।

ସେହିପରି ବ୍ଲକ୍‌ରେ ଜନନୀ ଯନ୍ତ୍ରଣା ଏକ ପ୍ରକାର ଦାଉ ସାଧୁଛି । ଗମନାଗମନ ସୁବିଧା ନ ଥିବାରୁ ଗାଁରେ ଆମ୍ବୁଲାନ୍ସ ପହଞ୍ଚିପାରୁନି। ଫଳରେ ଗର୍ଭବତୀ ଓ ରୋଗୀଙ୍କୁ ଖଟିଆ, ଭାରରେ ବୋହିକି ମେଡିକାଲକୁ ଆଣିବାକୁ ପଡୁଛି। ଅତି କଷ୍ଟରେ ଗର୍ଭବତୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସିଲେ ମଧ୍ୟ ସେଠାରେ ସ୍ତ୍ରୀ ଓ ପ୍ରସୂତି ବିଭାଗ ବିଶେଷଜ୍ଞ ନ ଥିବା କାରଣରୁ ବାଧ୍ୟ ହୋଇ ରାୟଗଡ଼ା ଓ ବିଶାଖାପାଟଣା ଯିବାକୁ ପଡୁଛି। ଫଳରେ ରୋଗୀଙ୍କ ସହ ପରିବାର ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେବେ କେବଳ କାଶୀପୁର ବ୍ଲକରେ ନୁହେଁ, ସମଗ୍ର ଜିଲାର ୧୧ଟି ବ୍ଲକରେ ଏହି ସମସ୍ୟା ଲାଗିରହିଛି। କୌଣସି ଗୋଟିଏ ହେଲେ ବ୍ଲକରେ ନାହାନ୍ତି ବିଶେଷଜ୍ଞ। ତେଣୁ ରାଜ୍ୟ ସରକାର ଓ ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ଏହାର ସ୍ଥାୟୀ ସମାଧାନ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ଏ ନେଇ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ଲାଲମୋହନ ରାଉତରାୟଙ୍କୁ ପଚାରିବାରୁ ପ୍ରତି ମାସରେ ଡାକ୍ତର ନିଯୁକ୍ତି ପାଇଁ ବିଭାଗକୁ ଅବଗତ କରାଯାଉଛି। ହେଲେ ନିଯୁକ୍ତି ହୋଇନାହିଁ। ଆଗାମୀ ଦିନରେ ଏନେଇ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଖାଲି ପଦବୀ ପୂରଣ କରାଯିବା ସହିତ ସମସ୍ତ ବ୍ଲକରେ ବିଶେଷଜ୍ଞଙ୍କୁ ନିଯୁକ୍ତ କରାଯିବ ବୋଲି କହିଛନ୍ତି ।

# ମେଧାବୀ ବିଦ୍ୟାର୍ଥୀ ଅଭିନନ୍ଦନ କାର୍ଯ୍ୟକ୍ରମ



ଅତିଥିଙ୍କ ଗହଣରେ ମେଧାବୀ ବିଦ୍ୟାର୍ଥୀ।

**ଗୁଣପୁର,୨୩।୬(ପ୍ରଦୀପ କୁମାର ପାଢ଼ୀ)**

ଶିକ୍ଷାବର୍ଷରେ ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟରେ ଉଚ୍ଚ ନମ୍ବର ରଖି ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ୭୫ ବିଦ୍ୟାର୍ଥୀଙ୍କୁ ଗୁଣପୁର ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ପକ୍ଷରୁ ପୁରସ୍କାର ବିତରଣ ସହ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ମହର୍ଷି ଗୁରୁକୁଳ ପ୍ରଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ମଙ୍ଗଳ ଅଧିକାରୀ ସୁରଜ ନାୟକ, ସମ୍ମାନିତ ଅତିଥି ଭାବେ କୃଷି ବିଭାଗ ଅଧିକାରୀ ସନ୍ତୋଷ ରଥ ଓ କେସିସି ବ୍ୟାଙ୍କର ବାମଦେବ ପଟ୍ଟନାୟକ ଏବଂ ମୁଖ୍ୟବକ୍ତା ଭାବେ ରାଜ୍ୟ ଏବିଭିପି ସମ୍ପାଦକ ଅର୍ଜିତ ପଟ୍ଟନାୟକ ଉପସ୍ଥିତ ମାର୍ଗଦର୍ଶନ କରିଥିଲେ। କାର୍ଯ୍ୟକ୍ରମକୁ ବିଦ୍ୟାର୍ଥୀ ପରିଷଦର ବରିଷ୍ଠ କାର୍ଯ୍ୟକର୍ତ୍ତା ଡ. ପ୍ରଶାନ୍ତ ହୋତା ସ୍ୱାଗତ କରିଥିଲେ । ସଭାପତି ଲକ୍ଷ୍ମୀ ମହାକୁଡ଼ ସଂଯୋଜନା କରିଥିଲେ। ସମ୍ପାଦକ ସାଇ ପାଣିଗ୍ରାହୀ ବିବରଣୀ ପାଠ କରିଥିଲେ। ସଭାରେ ଜିଲା ପ୍ରମୁଖ ଶେଷସାଇ ସେନାପତି ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ଇନ୍ଦ୍ରାକ୍ଷୀ ଦାଶ ପୁରସ୍କାର ଓ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଶତ ପ୍ରତିଶତ ଉଚ୍ଚ ନମ୍ବରର ପରୀକ୍ଷାଫଳ ନିମନ୍ତେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ସଭାପତି ଗଜପତି ରାଓ, ସମ୍ପାଦକ ସୋମନାଥ ଗୌଡ଼ଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିଭଳି ଜିଲାସ୍ତର ବିଜ୍ଞାନରେ ଉଚ୍ଚ ନମ୍ବର ରଖିଥିବା ମହର୍ଷି ଗୁରୁକୁଳ ଛାତ୍ର ଓ ମାଟ୍ରିକ୍‌ରେ ଉଚ୍ଚ ନମ୍ବର ରଖିଥିବା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଛାତ୍ରୀ ଆଦ୍ୟାଶା ପଣ୍ଡା, ଯୁକ୍ତ ଦୁଇ କଳାରେ ତ୍ରିବେଣୀ କଲେଜ ଛାତ୍ରୀ ଝରଣା ସାହୁ, ବାଣିଜ୍ୟ ବିଭାଗର ରବି ରାମ ଚରଣ, ମହର୍ଷି ଗୁରୁକୁଳର ଛାତ୍ରୀଛାତ୍ରଙ୍କୁ ସ୍ୱତନ୍ତ୍ର ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା। ଶତ ପ୍ରତିଶତ ପରୀକ୍ଷାଫଳ ରଖିଥିବା ମହର୍ଷି ଗୁରୁକୁଳର ରାଜେଶ କୁମାର ପଣ୍ଡାଙ୍କୁ କାର୍ଯ୍ୟକ୍ରମ ପ୍ରାୟୋଜକ ତଥା ଆଇନ ଶିକ୍ଷାରେ ସ୍ୱର୍ଣ୍ଣପଦକ ଲାଭ କରିଥିବା ଯୋଗୁଁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଜିଲା ପ୍ରମୁଖ ଶେଷସାଇ ସେନାପତି, ବିଭାଗ ପ୍ରମୁଖ ଉମା ଶଙ୍କର ଦାଶ, ବି. କିରଣ କୁମାର, ବି. ସତୀଶ କୁମାର, ନଗର ପ୍ରମୁଖ ପ୍ରଫୁଲ୍ଲ ଲିମା, ଏସ୍. ଶିବାଜୀ, ବିଭାଗ ସଂଗଠନ ମନ୍ତ୍ରୀ ତନ୍ମୟ ପ୍ରିୟଦର୍ଶୀ ମିଶ୍ର ପ୍ରମୁଖ ପରିଚାଳନା କରିଥିଲେ ।

# ଘରେ ଶୋଇଥିବାବେଳେ ସାପ କାମୁଡ଼ାରେ ଶିଶୁ ମୃତ

**ବିଷମକଟକ,୨୩।୬ (ପ୍ରସନ୍ନ କୁମାର ପଣ୍ଡା)**

ଘରେ ଶୋଇଥିବା ଅବସ୍ଥାରେ ଏକ ବିଷାକ୍ତ ସାପ କାମୁଡି ଦେବାରୁ ଜଣେ ୪ ବର୍ଷୀୟ ଶିଶୁଙ୍କ ମୃତ୍ୟୁ ଘଟିଛି। ଏଭଳି ଅଭାବନୀୟ ଘଟଣା ଘଟିଛି ରାୟଗଡ଼ା ଜିଲା ବିଷମକଟକ ଥାନା ଅନ୍ତର୍ଗତ ଗଣ୍ଡିଖାଲ ଗ୍ରାମରେ। ମୃତ ଶିଶୁ ହେଲେ ଗଣ୍ଡିଖାଲ ଗ୍ରାମର ରବି ସାରକାଙ୍କ ପୁଅ ବିବେକ ସାରକା।

ସୂଚନା ଅନୁଯାୟୀ, ଶନିବାର ରାତିରେ ବିବେକ ପରିବାର ଲୋକଙ୍କ ସହ ଘରେ ଶୋଇଥିଲେ। ମଧ୍ୟରାତ୍ରିରେ ତାଙ୍କ ହାତକୁ ଏକ ବିଷାକ୍ତ ସାପ କାମୁଡି ଦେଇଥିଲା। ଏହାର କିଛି ଘଣ୍ଟା ପରେ ବିବେକଙ୍କ ହାତରେ ଯନ୍ତ୍ରଣା ହେବାରୁ ସେ ପରିବାର ଲୋକଙ୍କୁ ଜଣେଇଥିଲେ। ତୁରନ୍ତ ପରିବାର ଲୋକେ ବିବେକଙ୍କୁ ବିଷମକଟକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପରେ ପରିବାର ଲୋକେ ଘରେ ବହୁ ଖୋଜାଖୋଜି କରି କାମୁଡିଥିବା ସାପକୁ ମାରି ମେଡିକାଲକୁ ଆଣି ଡାକ୍ତରଙ୍କୁ ମଧ୍ୟ ଦେଖାଇଥିଲେ। ହେଲେ ମେଡିକାଲରେ ଡାକ୍ତର ଶିଶୁଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ବିଷମକଟକ ପୋଲିସ ମେଡିକାଲରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ରାଜସ୍ୱ ବିଭାଗ ପକ୍ଷରୁ ବିବେକଙ୍କ ପରିବାରଙ୍କୁ ଆର୍ଥିକ ସହାୟତା ରାଶି ପ୍ରଦାନ କରାଯିବ ବୋଲି ବିଷମକଟକ ଥାନା ଅଧିକାରୀ ସୂର୍ଯ୍ୟଚନ୍ଦ୍ର ପାଢ଼ୀ ସୂଚନା ଦେଇଛନ୍ତି।

# ଆନ୍ତଃଜିଲା ଡକାୟତ ଗ୍ୟାଙ୍ଗ ଠାବ, ୪ ଗିରଫ



ଖବରଦାତା ସମ୍ମିଳନୀରେ ରାୟଗଡା ଏସଡିପିଓଙ୍କ ସହ ଟିକିରି ପୋଲିସ ସୂଚନା ଦେଉଛନ୍ତି।

**ଟିକିରି, ୨୩।୬ (ପ୍ରଫୁଲ୍ଲ କୁମାର ବେହେରା)**

**୨ ଚୋରି ବାଇକ୍, ନକଲି ପିସ୍ତଲ, ସୁନା ଗହଣା ଜବତ**

ରାୟଗଡା ଜିଲା କାଶୀପୁର ବ୍ଲକ ଟିକିରି ପୋଲିସ ଏକ ଆନ୍ତଃଜିଲା ଡକାୟତ ଗ୍ୟାଙ୍ଗର ପର୍ଦ୍ଦାଫାଶ କରିଛି। ଗତ କିଛି ଦିନ ହେବ ଟିକିରି ଅଞ୍ଚଳରେ ଚୋରିକରି ପୋଲିସର ନିଦ ହଜାଇ ଦେଇଥିବା ଗ୍ୟାଙ୍ଗର ୪ ଜଣଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ନବରଙ୍ଗପୁର ଜିଲା ଖାତିଗୁଡା ଥାନା ଅନ୍ତର୍ଗତ କେନ୍ଦୁଗୁଡା ଗ୍ରାମର ଦୈତାରୀ ଚଲାଣ, ଧନପତି ହରିଜନ ଏବଂ କଳାହାଣ୍ଡି ଜିଲା ଆମପାଣି ଥାନା ଲାଇମ ଗ୍ରାମର ପାଲା ସାନ୍ତା ଓ ବ୍ରହ୍ମଣ ଛକପଡାର ଦାସ ସାନ୍ତା ବୋଲି ଜଣାପଡ଼ିଛି। ପୋଲିସ ସେମାନଙ୍କ ନିକଟରୁ ନଗଦ ୨୨ହଜାର ଟଙ୍କା, ୨ ଚୋରି ବାଇକ, ନକଲି ପିସ୍ତଲ, ୨ଟି ଛୁରି, ସୁନାଗହଣା ଓ ୮ଟି ମୋବାଇଲ ସହ ଚୋରିରେ ବ୍ୟବହୃତ ଏକ କାରକୁ ଜବତ କରିଛି। ଟିକିରି ଥାନା ପରିସରରେ ରବିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ରାୟଗଡା ଏସଡିପିଓ ରଶ୍ମିରଞ୍ଜନ ସେନାପତି ଏ ନେଇ ସୂଚନା ଦେଇଛନ୍ତି।

ପୋଲିସ ସୂଚନା ଅନୁଯାୟୀ, ଗତ ୧୫ ତାରିଖରେ ନୟାଗଡ ଜିଲା ସିନ୍ଧୁରିଆ ଗ୍ରାମର ଆଜିର ଅହମ୍ମଦ ନୀଳଗିରି କାଠ ଲୋଡ କରିବା ପାଇଁ ଟିକିରି ଥାନା ଅନ୍ତର୍ଗତ ପହଣ୍ଡି ଛକ ନିକଟରେ ଗାଡି ରଖି ଶୋଇଥିଲେ। ରାତିପ୍ରାୟ ୧୨ଟା ସମୟରେ ୪ଜଣ ବ୍ୟକ୍ତି ଆସି ପିସ୍ତଲ ଓ ଛୁରି ଦେଖାଇ ତାଙ୍କଠାରୁ ୬ ହଜାର ଟଙ୍କା, ମୋବାଇଲ ଏବଂ ଫୋନ ପେ ମାଧ୍ୟମରେ ୨୨ହଜାର ଟଙ୍କା ଲୁଟି ନେଇଥିଲେ। ଏ ନେଇ ସେ ଗତ ୧୬ ତାରିଖରେ ଟିକିରି ଥାନାରେ ଏତଲା ଦେଇଥିଲେ। ପରେ ରାୟଗଡା ଏସ୍‌ପି ହରିସ ବିସିଙ୍କ ନିର୍ଦ୍ଦେଶକ୍ରମେ ଟିକିରି ଥାନା ଆଇଆଇସି ବିଶ୍ୱବନ୍ଦିନୀ ବାଗ ଏକ ଟିମ ଗଠନ କରି ବିଭିନ୍ନ ଦିଗକୁ ଗୁରୁତ୍ୱ ଦେଇ ତଦନ୍ତ ଆରମ୍ଭ କରିଥିଲେ । ମୋବାଇଲ ଟ୍ରାକିଂ କରି ନବରଙ୍ଗପୁର ଓ କଳାହାଣ୍ଡି ଜିଲାରୁ ୪ ଅଭିଯୁକ୍ତଙ୍କୁ ଗିରଫ କରି ଟିକିରି ଥାନାକୁ ଆଣି ତଦନ୍ତ କରିଥିଲେ। ତଦନ୍ତ ସମୟରେ ଟିକିରି ଥାନାରେ ପୂର୍ବରୁ ରୁଜୁ ହୋଇଥିବା ଆହୁରି ୩ଟି କେଶରେ ସେମାନେ ସମ୍ପୃକ୍ତ ଥିବା ଜାଣିବାକୁ ପାଇଲେ। ଟିକିରି ଥାନା ଫୁଲଜବା ଗ୍ରାମର ପାଲଙ୍ଗଙ୍କଠାରୁ ସୁନାଗହଣା ଛଡାଇନେବା, ରାମୁଗୁଡା ଗ୍ରାମର ଆର ଉଆନ ୫ ବାଇକ ଚୋରି ଏବଂ ଅନ୍ୟ ଏକ ବାଇକ ଚୋରି ମାମଲାର ସମସ୍ତ ଚୋରି ଜିନିଷ ଉଦ୍ଧାର କରି ଟିକିରି ଥାନାକୁ ଆଣିଥିଲେ। ଟିକିରି ଥାନା ଏସଆଇ ମହେଶ୍ୱର ପାଇକ, ମନୋଜ ଜେନା, ମହେନ୍ଦ୍ର ହାସଂଦା, ତ୍ରିନାଥ ତତପାଡିଆ, ନରେଶ ରାଉଳ ଏବଂ ଅନ୍ୟ କର୍ମଚାରୀମାନେ ସହଯୋଗ କରିଥିଲେ ।

# ଡ. ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ବଳିଦାନ ଦିବସ

**ଗୁଣପୁର,୨୩।୬ (ପ୍ରଦୀପ କୁମାର ପାଢ଼ୀ)**

ରାୟଗଡା ଜିଲା ଗୁଣପୁର ଭାରତୀୟ ଜନତା ପାର୍ଟିର ଆଦର୍ଶ ନଗର କାର୍ଯ୍ୟାଳୟଠାରେ ଡକ୍ଟର ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ୭୨ ତମ ତିରୋଧାନ ଦିବସ ରବିବାର ପାଳନ କରାଯାଇଛି । ଏଥିରେ ଭାଜପାର ବରିଷ୍ଠ କାର୍ଯ୍ୟକର୍ତ୍ତା ୱାଇ.ଗଣପତି ଦୀପ ପ୍ରଜ୍ୱଳନ କରି ଡ. ଶ୍ୟାମା ପ୍ରସାଦ ଉପାଧ୍ୟାୟଙ୍କ ତୈଳ ଫଟୋଚିତ୍ରରେ ପୁଷ୍ପ ମାଲ୍ୟ ଦେଇ ସ୍ୱର୍ଗତ ମୁଖାର୍ଜୀଙ୍କ ଜୀବନୀ ଓ ଦେଶ ପାଇଁ ତାଙ୍କ ବଳିଦାନ ବିଷୟରେ ଉଦ୍‌ବୋଧନ ଦେଇଥିଲେ। ଅମର କୁମାର ସାହୁ ଏବଂ ଶ୍ରୀନୁବାସ ସ୍ୱାଇଁଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଭଗବାନ ଚୌଧୁରୀ, ଲକ୍ଷ୍ମୀ ନାରାୟଣ ପାଢ଼ୀ, ବିଦ୍ୟାଧର ସବାର, ଜଗଦୀଶ ଚନ୍ଦ୍ର ପାତ୍ର, ଆଦିତ୍ୟ ନାରାୟଣ ମିଶ୍ର, ପ୍ରଭାକର ସାବତ, ଶ୍ରୀକୃଷ୍ଣ ପଣ୍ଡା, ଗୋପାଳ କୃଷ୍ଣ ଦେପାତ୍ର, କେ.ରବି କୁମାର, ସାରଙ୍ଗ ନାଗବଂଶ, ସୂର୍ଯ୍ୟ ନାରାୟଣ ପଟ୍ଟନାୟକ, ପ୍ରଶାନ୍ତ କୁମାର ସାହୁକାର, ରମେଶ କୁମାର ସାହୁ, ଗୁମୁଡି ଶବର, ତୁଷାର ପଟ୍ଟନାୟକ, ହିମକାନ୍ତ ମହାପାତ୍ର, ତରୁଣ କାଡ଼ମ୍ବାଲୁ, ଗଗନ ବିହାରୀ ପାତ୍ର ଓ ଅନ୍ୟାନ୍ୟ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ। ସେହିପରି ଟିଙ୍କୁ ପଣ୍ଡା ଏବଂ ମୁଖି ଦିବାକରଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ପାଳନ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଇନ୍ଦ୍ରାକ୍ଷୀ ପ୍ରସାଦ ଦାସ, ହିମକାନ୍ତ ମହାପାତ୍ର, ଜୟଦେବ ପଣ୍ଡା, ଦିଲୀପ ନାଗବଂଶ, ସତ୍ୟସୁନ୍ଦର କର, ଅମିତ ଷଡ଼ଙ୍ଗୀ, ଦିଲୀପ ଦାସ, ଦେବାଶିଷ ସାହୁ, ରୋହନ ପଟ୍ଟନାୟକ, ସାଇ ପ୍ରଥମ ପ୍ରମୁଖ ଉପସ୍ଥିତ ଥିଲେ ।

# ଟ୍ରକ୍ ଧକ୍କାରେ ମା' ମୃତ, ପୁଅ ଗୁରୁତର

**ମାଲକାନଗିରି,୨୩।୬(ଦୁର୍ଯ୍ୟୋଧନ ପାତ୍ର)**

ମାଲକାନଗିରି ଜିଲା ଡିଏନ୍‌କେ ଛକଠାରେ ରବିବାର ଏକ ସଡ଼କ ଦୁର୍ଘଟଣାରେ ଟ୍ରକ୍ ତଳେ ଚାପିହୋଇ ଜଣେ ମହିଳାଙ୍କ ମୃତ୍ୟୁ ଘଟିଥିବା ବେଳେ ତାଙ୍କ ପୁଅ ଗୁରୁତର ହୋଇଛନ୍ତି। ସୂଚନା ଅନୁଯାୟୀ, ମାଲକାନଗିରି ସଦର ମହକୁମା ରିକ୍ଲାମେସନ କଲୋନୀର ମଜୁରିଆ ଭାବେ କାମ କରୁଥିବା ମହିଳା ପାର୍ବତୀ ପାଣିଗ୍ରାହୀ ଓ ତାଙ୍କ ପୁଅ ସାଗର ସକାଳ ୭ଟାରେ ସାଇକେଲ ଯୋଗେ ଡିଏନ୍‌କେ ଛକ ପାର ହେଉଥିବା ସମୟରେ ମାଲକାନଗିରି ପଟୁ ଆନ୍ଧ୍ର ଅଭିମୁଖେ ଦ୍ରୁତଗତିରେ ଯାଉଥିବା ଏକ ଟ୍ରକ୍ ସାଇକଲ ପଛପଟୁ ଧକ୍କା ଦେବା ଫଳରେ ପାର୍ବତୀ ଚକା ତଳେ ପଡିଯିବାରୁ ଟ୍ରକଟି ତାଙ୍କ ଉପରରେ ଚଢି ଯାଇଥିଲା। ଫଳରେ ଘଟଣା ସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିବା ବେଳେ ପୁଅ ସାଗର କିଛି ଦୂରରେ ଛିଟିକି ପଡିଯିବାରୁ ତାଙ୍କ ଗୋଡ଼ ଭାଙ୍ଗିଯାଇଛି। ସ୍ଥାନୀୟ ଲୋକେ ସାଗରଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିବା ବେଳେ ଖବର ପାଇ ସାହି ବାସିନ୍ଦା ଓ ସମ୍ପର୍କୀୟମାନେ ମୃତଦେହ ରଖି ଆନ୍ଦୋଳନ କରିବା ସହ କ୍ଷତିପୂରଣ ଦାବି କରିଥିଲେ। ଫଳରେ ସକାଳ ୭ଟାଠାରୁ ମଧ୍ୟାହ୍ନ ୧ଟା ପର୍ଯ୍ୟନ୍ତ ଉକ୍ତ ରାସ୍ତାଦେଇ ଯାତାୟାତ ସମ୍ପୂର୍ଣ୍ଣ ବନ୍ଦ ହୋଇଯିବା ସହ ଉଭୟ ପଟେ ଗାଡିଗୁଡିକ ଅଟକି ରହିଥିଲା। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଗାଡିଗୁଡିକୁ ବାଇପାସ୍ ରାସ୍ତା ପଟେ ପଠାଇଥିବା ବେଳେ ଗାଡି ଓ ଚାଳକଙ୍କୁ ଅଟକ ରଖି ପଚରାଉଚୁରା ଜାରି ରଖିଛି।

# ଶ୍ରୀ ଭେଙ୍କେଟେଶ୍ୱର ସ୍ୱାମୀ ମନ୍ଦିରରେ କଲ୍ୟାଣ ମହୋତ୍ସବ

**ଗୁଣୁପୁର,୨୩।୬(ପ୍ରଦୀପ କୁମାର ପାଢ଼ୀ)**

ରାୟଗଡ଼ା ଜିଲା ଗୁଣପୁରସ୍ଥିତ ଶ୍ରୀ ଭେଙ୍କେଟେଶ୍ୱର ମନ୍ଦିର ପରିସରରେ ସ୍ୱାମୀଙ୍କ କଲ୍ୟାଣ ମହୋତ୍ସବ ସହ ମନ୍ଦିରର ୪୮ତମ ବାର୍ଷିକ ଉତ୍ସବ ମହାଡ଼ମ୍ବର ସହକାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ରୀତିନୀତି ଅନୁସାରେ ସ୍ୱାମୀଙ୍କ କଲ୍ୟାଣ ଉତ୍ସବ ଓ ହୋମଯଜ୍ଞ କରାଯାଇଥିଲା । ଚଳନ୍ତି ପ୍ରତିମାଙ୍କୁ କଲ୍ୟାଣମଣ୍ଡପରେ ବିରାଜମାନ କରାଯାଇ ସମସ୍ତ କାର୍ଯ୍ୟ କରାଯାଇଥିଲା । ବହୁ ଦମ୍ପତି କଲ୍ୟାଣ ଉତ୍ସବରେ ସାମିଲ ହୋଇଥିଲେ। ମନ୍ଦିର ପରିଚାଳନା କମିଟି ସଭାପତି ବରିଷ୍ଠ ଓକିଲ ଏସ୍.ଗଣପତି ରାଓ, ସମ୍ପାଦକ ଲାଡି ସୁରେଶ, କୋଷାଧ୍ୟକ୍ଷ ମାଲା ଲକ୍ଷ୍ମଣ ମୂର୍ତ୍ତି, ଉପସଭାପତି ସୁମନ ପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କମିଟି ପକ୍ଷରୁ ଭକ୍ତଙ୍କ ପାଇଁ ଅନ୍ନଦାନ ବ୍ୟବସ୍ଥା କରାଯାଇଥିଲା। ଏହାକୁ ଗୁଣପୁର ସତ୍ୟ ସେବା ସମିତିର ସଦସ୍ୟମାନେ ସହଯୋଗ କରିଥିଲେ । ଏହି ଉତ୍ସବରେ ଗୁଣୁପୁର ତଥା ଅଞ୍ଚଳର ବହୁ ଭକ୍ତଙ୍କ ସମାଗମ ହୋଇଥିବା ଦେଖିବାକୁ ମିଳିଥିଲା ।



କଲ୍ୟାଣ ଉତ୍ସବରେ ସାମିଲ ହୋଇଥିବା ଦମ୍ପତି।

# ମିଳୁନି ପ୍ରୋତ୍ସାହନ, ପରିବା ଚାଷରୁ ମୁହଁ ଫେରାଉଛନ୍ତି ଚାଷୀ

**ରାୟଗଡ଼ା,୨୩।୬(ଭାଗ୍ୟଶ୍ରୀ ମିଶ୍ର)**

- **ଜିଲାରେ ଅନୁକୂଳ ପରିବେଶ ସତ୍ତ୍ୱେ ହେଉନି ଚାଷ**
- **ଆକାଶଛୁଆଁ ପରିବା ଦରକୁ ନେଇ ଚିନ୍ତାରେ ଗ୍ରାହକ**

ଗରିବଙ୍କୁ ମହଙ୍ଗା ମାଡ଼ । ବଜାରରେ ପନିପରିବାଠାରୁ ଆରମ୍ଭ କରି ଖାଦ୍ୟ ସାମଗ୍ରୀ ଦର ଆକାଶଛୁଆଁ ହୋଇଯାଇଛି। ଏହାକୁ ନେଇ ଚିନ୍ତାରେ ଖାଉଟି। ଅତ୍ୟାବଶ୍ୟକ ସାମଗ୍ରୀ ପିଆଜ, ଆଳୁ ଦର ବୃଦ୍ଧି ଯୋଗୁ ଗରିବ ଏବଂ ମଧ୍ୟବିତ୍ତ ଶ୍ରେଣୀର ଲୋକେ ଅଧିକ ହଇରାଣ ହେଉଥିବା ଦେଖିବାକୁ ମିଳୁଛି। ଅନ୍ୟପଟେ ରାୟଗଡ଼ା ଜିଲାର ପାଣିପାଗ ପରିବା ଚାଷ ପାଇଁ ଅନୁକୂଳ। ପୂର୍ବରୁ ବି ଜିଲାରେ ବହୁଳ ପରିମାଣରେ ପନିପରିବା ଚାଷ କରାଯିବା ସହ ବାହାର ଜିଲାକୁ ରପ୍ତାନି ହେଉଥିଲା। କିନ୍ତୁ ଏବେ ଉଦ୍ୟାନ କୃଷି ବିଭାଗ ପକ୍ଷରୁ ପନିପରିବା ଚାଷ ପାଇଁ ଚାଷୀଙ୍କୁ ପ୍ରୋତ୍ସାହନ ମିଳୁ ନ ଥିବାରୁ ଏବଂ ପନିପରିବା ସାଇତି ରଖିବାକୁ ଶୀତଳଭଣ୍ଡାର ନ ଥିବାରୁ ଅନେକ କ୍ଷତି ସହିବାକୁ ପଡୁଛି। ସରକାରଙ୍କର କୌଣସି ସହାୟତା ବିଷୟରେ ଆମେ ଜାଣିନୁ କି କୌଣସି ଅଧିକାରୀ ଜଣାନ୍ତି ନାହିଁ। ଅପରପକ୍ଷରେ ଜିଲାରେ ଜଳସେଚନ ବ୍ୟବସ୍ଥା ବିପର୍ଯ୍ୟସ୍ତ। ଫଳରେ ଚାଷକାମ ପାଇଁ ଚାଷୀଙ୍କୁ ବର୍ଷାଜଳ ଉପରେ ନିର୍ଭର କରିବାକୁ ପଡ଼ିଥାଏ। ତେଣୁ ବିଭିନ୍ନ କାରଣରୁ ଚାଷୀ ପରିବା ଚାଷ ପ୍ରତି ବିମୁଖ ହେଉଥିବା ମାଲିଗାଁ ଗ୍ରାମର ଜଣେ ପରିବା ଚାଷୀ ବାବୁଲା ସ୍ୱାଇଁ କହିଛନ୍ତି।

ଜିଲାର ଚାଷୀଙ୍କ ଉତ୍ପାଦିତ ଦ୍ରବ୍ୟକୁ ସାଇତି ରଖିବାକୁ ତୁମ୍ବିଗୁଡାଠାରେ



ରାୟଗଡ଼ା ଓଭରବ୍ରିଜ ତଳେ ବସିଥିବା ପରିବା ବ୍ୟବସାୟୀ।

୨୦୧୩ରେ ୪ କୋଟି ୩୮ ଲକ୍ଷ ଟଙ୍କା ବ୍ୟୟରେ ଶୀତଳଭଣ୍ଡାର ନିର୍ମାଣ କରାଯାଇଛି। ମାର୍କଫେଡ୍‌କୁ ଏହାର ପରିଚାଳନା ଦାୟିତ୍ୱ ଦିଆଯାଇଥିଲେ ମଧ୍ୟ ଏହା ଚାଷୀଙ୍କ କାମରେ ନ ଲାଗି ଅକାମୀ ହୋଇ ପଡିରହିଛି। ଦରଦାମ ବୃଦ୍ଧି ସମୟରେ ଶୀତଳଭଣ୍ଡାରକୁ କାର୍ଯ୍ୟକ୍ଷମ କରିବାକୁ ଚାଷୀମାନେ ଦାବି କରିଛନ୍ତି। ଅନ୍ୟପକ୍ଷରେ ଉଦ୍ୟାନ କୃଷି ବିଭାଗ ପକ୍ଷରୁ ଜିଲାରେ କାଗଜପତ୍ରରେ ପରିବା ଚାଷୀଙ୍କ ନାମ ଉଲ୍ଲେଖ କରାଯାଉଛି। ହେଲେ ବାସ୍ତବରେ ୮୦% ପରିବା ବାହାର ରାଜ୍ୟରୁ ଆମଦାନୀ ହେଉଥିବା ବେଳେ କେବଳ ୨୦% ଚାଷୀ ପରିବା ଚାଷ କରୁଛନ୍ତି, ଯାହା ନିଜ ଖାଇବା ପାଇଁ କରୁଥିବା ଦେଖିବାକୁ ମିଳିଛି। ଏ ନେଇ ରାୟଗଡ଼ା ଉଦ୍ୟାନ ବିଭାଗ କୃଷି ଉପନିର୍ଦ୍ଦେଶକ ଦୟାନିଧି ରାଉତ କହିଛନ୍ତି, ବଜାର ଚାହିଦା ଅନୁସାରେ ଚାଷୀଙ୍କ ଉତ୍ପାଦନ କମ୍ ରହୁଛି। ଜିଲାରେ ଜଳ ଯୋଗାଣ ସମସ୍ୟା ଯୋଗୁ ବହୁଳ ପରିମାଣରେ ଚାଷ କରି ପାରୁନାହାନ୍ତି ଚାଷୀ। ଆମେ ଏନ୍‌ଜିଓ ମାଧ୍ୟମରେ ଚାଷୀଙ୍କୁ ସଚେତନ କରୁଛୁ। ତେବେ ଆଗକୁ ଚାଷୀ କିଭଳି ଭାବେ ଅଧିକ ମାତ୍ରାରେ ଚାଷ କରିବେ ବିଭିନ୍ନ ବିଭାଗ ସହ ଆଲୋଚନା କରିବୁ ବୋଲି କହିଛନ୍ତି।

ଅନ୍ୟପକ୍ଷେ ଜିଲାରେ ପନିପରିବା ଦରରେ ହାତ ମାରି ହେଉନି। ପୂର୍ବରୁ ପିଆଜ କିଲୋ ପ୍ରତି ୨୫ ରୁ ୩୦ ଟଙ୍କା ଥିଲାବେଳେ ଏବେ ୫୦ ଟଙ୍କାରେ ପହଞ୍ଚିଛି। ସେହିପରି ଆଳୁ କିଲୋ ପ୍ରତି ୩୦ରୁ ୪୦ ଟଙ୍କାରେ ବିକ୍ରି ହେଉଛି। ଜହ୍ନି କିଲୋ ୬୦ ଟଙ୍କା, ପୋଟଳ ୮୦, ଫୁଲ କୋବି ୮୦ରୁ ୯୦, ବିନ୍ସ ୧୬୦, ବାଇଗଣ ୬୦, ଭେଣ୍ଡି ୬୦, କଞ୍ଚାଲଙ୍କା ୧୨୦, ଟମାଟୋ ୮୦ ଟଙ୍କାରେ ବିକ୍ରି ହେଉଛି। ରାୟଗଡ଼ାର ଜଣେ ଦିନ ମଜୁରିଆ ଟି. ମାଙ୍ଗା କହିଛନ୍ତି, ପ୍ରତିଦିନ କାମକୁ ଗଲେ ଦିନ ମଜୁରିଆ ହିସାବରେ ୩୦୦ ଟଙ୍କା ଆଣୁଛୁ। ଏତେ ଦର ବୃଦ୍ଧିରେ ପରିବାର ଚଳାଇବା କଷ୍ଟକର ହୋଇପଡୁଛି। ତେଣୁ ସରକାର ଦର ନିୟନ୍ତ୍ରଣ କରିବାକୁ ସେ ନିବେଦନ କରିଛନ୍ତି । ସେହିପରି ଜଣେ ଗୃହିଣୀ ଦେବସ୍ମିତା ସାହୁ କହିଛନ୍ତି, ଏତେ ଦରଦାମ୍ ବଢ଼ିଗଲାଣି ଯେ ଘର ଚଳାଇବା କଷ୍ଟକର ହୋଇପଡୁଛି। ଆମେ ପନିପରିବା ୧ କେଜି ଆଣିବା ପରିବର୍ତ୍ତେ ୫୦୦ ଗ୍ରାମ ଆଣୁଛୁ ବୋଲି ସେ କହିଛନ୍ତି। ଏ ନେଇ ରାୟଗଡା ଉପଜିଲାପାଳ କଲ୍ୟାଣୀ ସଂଘମିତ୍ରା କହିଛନ୍ତି, ଦରବୃଦ୍ଧି ନିଶ୍ଚିତ ଭାବେ ଗରିବ ଓ ମଧ୍ୟବିତ୍ତ ଖାଉଟିଙ୍କୁ ପ୍ରଭାବ ପକାଉଛି। ତେବେ ମୁଁ ଯୋଗାଣ ବିଭାଗ ସହ ଯୋଗାଯୋଗ କରି ଏହାର ନିୟନ୍ତ୍ରଣ ପାଇଁ ଚେଷ୍ଟା କରିବି ବୋଲି କହିଛନ୍ତି ।

